# Akashvani, Sambalpur

## SAMBALPURI NEWS EVENING BULLETIN

**26 October 2025- 7.02 pm- 7.12 pm.**

**********************************************

୧- କୋରାପୁଟ୍ କଫି ଓଡ଼ିଶାକେ ନୂଆଁ ପରିଚୟ ଦେଇଛେ ଆକାଶ୍‌ବାଣୀର୍ ମନ୍ କି ବାତ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଆଏବା ୩୧ ତାରିଖ୍ ଦିନ ଏକ୍‌ତାର୍ ଲାଗି ଦୌଡ଼୍‌ଥି ସାମିଲ୍ ହେବାର୍‌କେ ଦେଶ୍‌ବାସୀଙ୍କୁ ଦେଲେ ଆହ୍ବାନ୍ ।

୨- ଭାରତୀୟ ସାମୁଦ୍ରିକ ସପ୍ତାହ ସମ୍ମିଳନୀଥି ଯୋଗ୍ ଦେବାର୍‌କେ ମୁମ୍ବାଇ ଗଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୩- ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ଗଭୀର ଅବପାତ ହେଲା ଲଘୁଚାପ୍ ।

- ରାଏଜେ ବାତ୍ୟା ଥିତିକେ ନେଇକରି ରାଜସ୍ବ ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଚାଲିଛେ ଜରୁରୀ ବୈଠକ୍ ।

মন্ কি বাত্        আর্এন্যু/ সম্বলপুর

ସୁନାମି ଆଉ ଘୂର୍ଣ୍ଣିବାତ୍ୟା ବାଗିର୍ ବିପର୍ଯ୍ୟୟ ସମିଆଥି ସମୁଦ୍ରଖଁଡ଼ିର୍ ସୁରକ୍ଷା ଦିଗେ ହେନ୍ତାଳ ବଣ ବହୁତ୍ ଉପକାରୀ ହେସି ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୁନ୍ ପାନି ବଢୁଥିବା ଜଙ୍ଗଲ୍ ସାମୁଦ୍ରିକ ଇକୋ ସିଷ୍ଟମ୍‌ର ଗୁଟେ ପ୍ରମୁଖ ଅଂଶ ଆଏ  ବଲି ଆକାଶ୍‌ବାଣୀର୍ ମନ୍ କି ବାତ୍‌ର ଶହେ ୨୭ ନମ୍ବର୍ ସଂସ୍କରଣ୍‌ଥି ଦେଶ୍‌ବାସୀଙ୍କର୍ ସାଙ୍ଗେ ଭାବ ବିନିମୟ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ କୋରାପୁଟ୍ କଫି ବହୁତ୍ ସ୍ୱାଦିଷ୍ଟ ଆର୍ ଓଡ଼ିଶାର୍ ଗୌରବ୍ ଆଏ ବଲି କହିଛନ୍ । ଇଟା ସେ ଇଲାକାର୍ ଚାଷୀ ଭାଇବହେନ୍‌ମାନ୍‌କର୍ ଜୀବନ୍‌କେ ବଦ୍‌ଲାବାର୍ ସହେତେ ଓଡ଼ିଶାକେ ନୂଆଁ ପରିଚୟ ଦେଇଛେ । ଇ ସ୍ୱୀକୃତି ବହୁତ୍ ପ୍ରେରଣାଦାୟୀ । ଏନ୍ତାକି ଚାକିରୀ ଛାଡ଼ିକରି କୋରାପୁଟ୍‌ର କେତେ ଝନ୍ ବସିନ୍ଦା ସଫଲତାର୍ ସହେତେ କଫି ଚାଷ୍ କରୁଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- କଫି)

ସ୍ୱଚ୍ଛତା ଆନ୍‌ବାର୍ କ୍ଷେତ୍ରଥି ଦେଶେ ଭିନ୍ ଭିନ୍ ଜାଗା ନ ଲୁକ୍‌କର୍ ତରଫୁ ନିଆଯାଉଥିବା ପଦ୍‌କ୍ଷେପ୍ ମାନ୍‌କର୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ମନ୍ କି ବାତ୍‌ଥି କହିଛନ୍ । ଜିଏସ୍‌ଟି ସଂଚୟ ଉତ୍ସବ ଲୁକ୍‌କର୍ ଭିତ୍‌ରେ ଖୁସି ଭରି ଦେଇଛେ । ପାର୍ବଣ୍ ସମିଆଥି

ସ୍ୱଦେଶୀ ଦରବ୍ ଘିନ୍‌ବାର୍‌ଟା ଭିଲ୍ ବଢ଼ିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ଜିଏସ୍‌ଟି)

ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଛଟ୍ ମହାପର୍ବ ସଂସ୍କୃତି, ପ୍ରକୃତି ଆଉ ସମାଜ୍‌ର ଦୃଢ଼ ଏକତାର ପ୍ରତିଫଲନ୍ । ସମାଜ୍‌ର ସବୁ ବର୍ଗର୍ ଲୁକେ ଛଟ୍ ଘାଟ୍ ନ ଏକ୍‌ଠନିଆ ହେସନ୍, ଯେନ୍‌ଟାକି ସାମାଜିକ ଏକତାର ଗୁଟେ ସବୁନୁ ବଡ଼ ଉଦାହରଣ୍ ।

ଅପରେସନ୍ ସିନ୍ଦୁର୍ ଫି' ଭାରତୀୟଙ୍କୁ ଗର୍ବିତ କରିଛେ । ମାଓ ଆତଙ୍କମୁକ୍ତ ଇଲାକାମାନ୍‌କେ ଖୁସିଥି ଦିଆଲି ପାଲନ୍ କରାଯାଇଛେ ବଲି ଶ୍ରୀ ମୋଦୀ କହିଛନ୍ ।

ଗଲାବଛର୍ ଲକ୍ଷ୍ନୌ ନ ହେଇଥିବା ସର୍ବଭାରତୀୟ ପୁଲିସ୍ ବୃତିଗତ ସମ୍ମିଲନୀଥି ବିଏସ୍‌ଏଫ୍ ତର୍‌ଫୁ ତାଲିମ୍ ପାଇଥିବା ଭାରତୀୟ ପ୍ରଜାତିର୍ କୁକୁର୍ ସମ୍‌କର୍ ଦୃଷ୍ଟି ଆକର୍ଷଣ୍ କରିଥିଲା । ମାଓ ପ୍ରଭାବିତ ଇଲାକା ନ କୁକୁର୍‌ମାନ୍‌କର୍ ସଫଲ୍ ଉପଯୋଗ୍ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଆଲୋକପାତ କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଆଏବା ୩୧ ତାରିଖ୍‌ଥି ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଜନ୍ମ ବାର୍ଷିକୀ ପାଲନ୍ କରାଯିବା । ସର୍ଦ୍ଦାର୍ ପଟେଲ୍‌ଙ୍କର୍ ଶହେ ୫୦ ନମ୍ବର୍ ଜନ୍ମବାର୍ଷିକୀ ଦେଶ୍ ଲାଗି ଗୁଟେ ଖାସ୍ ଅବ୍‌ସର୍ ଆନିଦେବା ବଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ ।

ଆଏବା ୩୧ ତାରିଖ୍‌ଥି ସାରା ଦେଶେ ହେବାର୍‌କେ ଥିବା 'ରନ୍ ଫର୍ ୟୁନିଟି' ଥି ଭାଗ୍ ନେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍-ରନ୍ ଫର୍ ୟୁନିଟି)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆଏବା ୭ ତାରିଖ୍ ଦିନ ଭାରତ୍ ବନ୍ଦେ ମାତରଂ ପାଲନ୍‌ର ଶହେ ୫୦ ନମ୍ବର୍ ବଛର୍‌ଥି ପୁହୁଁଚିବା । ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର୍ ରଚିତ ଇ କବିତା ୧୮୯୬ ମସିହାଥି ଗୁରଦେବ ରବୀନ୍ଦ୍ର ନାଥ ଟାଗୋର୍ ପହେଲାଥର୍ ଲାଗି ଗାଇଥିଲେ । ଇ ଗୀତ୍ ଶତାବ୍ଦୀର୍ ଦାସତ୍ୱ ନୁ ଦୁର୍ବଲ୍ ହେଇପଡ଼ିଥିବା ଦେଶ୍‌ବାସୀଙ୍କର୍ ଜୀବନ୍‌ଥି ନୂଆଁ ଫୂର୍ତି ଭରି ଦେଇଥିଲା ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଦିନ୍ ଥିଲା ସଂସ୍କୃତ ଯୋଗାଯୋଗର ଭାଷା ସାଜିଥିଲା । ମାତରକ ସ୍ୱାଧୀନତା ଉତ୍‌ରୁ ସଂସ୍କୃତ୍ ଭାଷାର୍ ବେଭାର୍ ଧିରେ ଧିରେ କମିଥିଲା । ସାମାଜିକ୍ ଗଣମାଧ୍ୟମ୍ ସଂସ୍କୃତ୍‌କେ ଗୁଟେ ନୂଆଁ ଜୀବନ୍ ଦେଉଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଖୁସି ପ୍ରକାଶ୍ କରିଛନ୍ ।

ଆଏବା ମାସ ୧୫ ତାରିଖ୍‌ଥି ଭଗବାନ ବିର୍ସା ମୁଣ୍ଡାଙ୍କର୍ ଜନ୍ମ ବାର୍ଷିକୀକେ ଜନଜାତୀୟ ଗୌରବ ଦିବସ ଭାବେ ପାଲନ୍ କରାଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ସେଆଡ଼େ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ନୂଆପଡ଼ା

ଜିଲ୍ଲା କୋମ୍‌ନା ବ୍ଲକ୍‌ର ପଣ୍ଡରାପଥର୍ ଗାଁ ନ

ପ୍ରଧାନ୍‌ମନ୍ତ୍ରୀଙ୍କର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଗାଁର୍ ଲୁକ୍‌କର୍ ସାଙ୍ଗେ ଶୁନିଛନ୍ । ଶ୍ରୀମତୀ ପରିଡ଼ା କହିଛନ୍, ଇ କାର୍ଯ୍ୟକ୍ରମ୍ ମହିଲାମାନ୍‌କର୍ ଭିତ୍‌ରେ ସୁପ୍ତ ଶକ୍ତିକେ ଉଜାଗର୍ କରୁଛେ ।

ମୁଖ୍ୟମନ୍ତ୍ରୀ- ମୁମ୍ବାଇ ଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ମୁମ୍ବାଇ ଗସ୍ତଥି ଯାଇଛନ୍ । ଆଏବା କାଏଲ୍ ମୁମ୍ବାଇ ନ ହେବାର୍‌କେ ଥିବା ଭାରତୀୟ ସାମୁଦ୍ରିକ ସପ୍ତାହ-୨୦୨୫ ସମ୍ମିଲନୀର୍ ଉଦ୍‌ଘାଟନୀ ସମାରୋହଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେବେ । ଉପର୍‌ବେଲା ଓଡ଼ିଶାର୍ ବନ୍ଦର୍ ଭିତିକ ପୁଞ୍ଜିନିବେଶ୍ ସୁଯୋଗ୍ ଆଉ ବନ୍ଦର୍ ମାନ୍‌କର୍ ଜରିଏ ରପ୍ତାନୀ ସାମର୍ଥ୍ୟ ବିଷୟବସ୍ତୁ କେ ନେଇକରି ହେବାର୍‌କେ ଥିବା ଖାସ୍ ଅଧିବେଶନ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେବେ । ସମ୍ମିଲନୀଥି ଯୋଗ୍ ଦେବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ପ୍ରତିନିଧି ମଣ୍ଡଳୀ ଭିଲ୍ ମୁମ୍ବାଇ ଯାଇଛନ୍ । ଭାରତ୍‌ର ଜାହାଜ୍ ଚଲାଚଲ୍ କ୍ଷେତ୍ରର୍ ବିକାଶ୍ ଦିଗେ ପାରସ୍ପରିକ୍ ସହଯୋଗ୍ ଆଉ ନୂଆଁ ସୃଜନ୍‌କେ ତହଁକାବାର୍ ଟା ହେଉଛେ ସମ୍ମିଲନୀର୍ ମୁଖ୍ୟ ଉଦ୍ଦେଶ୍ୟ । ଇ ସମ୍ମିଲନୀ ଆଏବା କାଏଲ୍‌ଠାନୁ ମୁଲ୍ ହେଇକରି ୩୧ ତାରିଖ୍‌ତକ୍ ଚାଲ୍‌ବା ।

ବାତ୍ୟା       ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ବଙ୍ଗୋପ୍ସାଗର୍ ନ ବନିଥିବା ଲଘୁଚାପ୍ କ୍ଷେତ୍ର ଗଭୀର ଅବପାତ ହେଇଛେ । ଆଏଜ ବେଲ୍ବୁଡ଼େ ଇଟା ବାତ୍ୟାର୍ ରୂପ୍ ନେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ବାତ୍ୟା ହେବାର୍ ଉତ୍ରୁ ଇଟା ଉତର୍ ଆଉ ଉତର୍ ପଶ୍ଚିମ୍ ଦିଗ୍କେ ଗତି କର୍ବା । ବାତ୍ୟା ଆହୁରି ବର୍କସ୍ ହେଇକରି ଆଏବା ମଙ୍ଗଲ୍ବାର୍ ସନ୍ଧ୍ୟାନୁ ଅଧ୍ରାତି ଭିତ୍ରେ ଆନ୍ଧ୍ରପ୍ରଦେଶ୍ର କାକିନାଡ଼ା ଠାନେ ସମୁଦ୍ରଖଁଡ଼ିକେ ପୁହୁଁଚିବା । ବାତ୍ୟା ମୋନ୍ତା ଗୋପାଲ୍ପୁର୍ ନୁ ୯ ଶହ କିଲୋମିଟର୍ ଆଉ କାକିନାଡ଼ାନୁ ୮ ଶଡ ୯୦ କିଲୋମିଟର୍ ଦୂରେ କେନ୍ଦ୍ରୀଭୂତ ହେଇଛେ । ସମୁଦ୍ରଖଁଡ଼ି ପୁହୁଁଚିଲା ବେଲ୍କେ ଘଂଟାକ ୯୦ ନୁ ଶହେ କିଲୋମିଟର୍ ଜୋର୍ଥି ପବନ ବୁହିବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ଇତାର୍ ବଲେ ଆଏବା କାଏଲ୍ଠାନୁ ୩୦ ତାରିଖ୍ତକ୍ ରାଜ୍ୟର୍ ଦକ୍ଷିଣ ଆଉ ସମୁଦ୍ରଖଁଡ଼ି ଇଲାକାର୍ ୧୯ ଟା ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ । ବାତ୍ୟାକେ ନେଇକରି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍...

(ଭଏସ୍ ଓଭର୍-ମନୋରମା ମହାନ୍ତି)

ବାତ୍ୟା- ତୟାରି ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ବାତ୍ୟା ମୋହ୍ନାକେ ନେଇକରି ଭୁବ୍ନେଶ୍ୱର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍ଙ୍କର୍ କାର୍ଯ୍ୟାଳୟ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ବୈଠକ୍ ଚାଲିଛେ । ବୈଠକ୍ଥି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂଙ୍କର୍ ସହେତେ ଓସ୍ଡମା ଆର୍ ଅଲ୍ଗା ବିଭାଗ୍ର ଅଧିକାରୀମାନେ ଉପସ୍ଥିତ୍ ଅଛନ୍ । ବାତ୍ୟାର୍ କେନ୍ସି ଭିଲ୍ ପ୍ରଭାବ୍ର ମୁକାବିଲା ଲାଗି ରାଜ୍ୟ ସର୍କାର୍ ତୟାର୍ ଅଛନ୍ ବଲି ଇ ଅବ୍ସରେ ଶ୍ରୀ ପୂଜାରୀ କହିଛନ୍ ।

ରାଜ୍ୟ ସର୍କାର୍ଙ୍କର୍ ସବୁ ବିଭାଗ୍ ତର୍ଫୁ ଭିଲ୍ ନିଜର୍ ନିଜର୍ ସ୍ତର୍ଥି ତୟାର୍ ଅଛନ୍ । ଜଲ୍ଭଣ୍ଡାର୍ ମାନ୍କର୍ ଥିତି ଉପ୍ରେ ନଜର୍ ରଖାଯାଇଛେ । ଜଲ୍ସ୍ତର୍ ବଢ଼୍ଲେ ପାଏନ୍ ଛଡ଼ାଯିବା ବଲି ଜଲ୍ସମ୍ପଦ୍ ବିଭାଗ୍ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର୍ ପାଢ଼ୀ କହିଛନ୍ ।

ପ୍ରଭାବିତ୍ ହେବାର୍କେ ଥିବା ଜିଲ୍ଲାମାନ୍କେ ଅଧିକାରୀମାନ୍କର୍ ଛୁଟି ବାତିଲ୍ କରାଯାଇଛେ । ଇ ଜିଲ୍ଲାମାନ୍କେ ଅଙ୍ଗନବାଡ଼ି କେନ୍ଦ୍ରମାନ୍କେ ବନ୍ଦ୍ ରଖିବାର୍କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ୍ ଦେଇଛନ୍ । ସେଆଡ଼େ ବାତ୍ୟାର୍

ମୁକାବିଲା ଲାଗି କଟକ୍ ମୁଣ୍ଡୁଲିଠାନୁ ଏନ୍‌ଡିଆର୍‌ଏଫ୍‌ର ୩ ଟା ଟିମ୍ ଆନ୍ଧ୍ରପ୍ରଦେଶ୍ ଯାଇଛନ୍ ।

ରାଷ୍ଟ୍ରୀୟ ବିଜ୍ଞାନ୍ ପୁରସ୍କାର ଏନ୍‌ଏସ୍‌ଡି

କେନ୍ଦ୍ର ସର୍କାର୍‌ଙ୍କର୍ ତର୍‌ଫୁ ରାଷ୍ଟ୍ରୀୟ ବିଜ୍ଞାନ୍ ପୁରସ୍କାର୍-୨୦୨୫ ଆଏଜ୍ ଘୋଷ୍‌ନା କରାଯାଇଛେ । ଇ ବଛର୍ ପ୍ରଫେସର୍ ଜୟନ୍ତ ବିଷ୍ଣୁ ନର୍ଲିକାର୍‌ଙ୍କୁ ମରଣୋତର୍ ବିଜ୍ଞାନ୍ ରତ୍ନ ପୁରସ୍କାର୍ ଦିଆଯିବା । ବିଜ୍ଞାନ୍, ପ୍ରଯୁକ୍ତିବିଦ୍ୟା ଆଉ ଉଭାବନ୍ ଦିଗେ ଉଲ୍ଲେଖନୀୟ ଅବଦାନ୍ ଲାଗି ଫି ବଛର୍ କେନ୍ଦ୍ର ସର୍କାର୍‌ଙ୍କର୍ ତର୍‌ଫୁ ୪ ଟା ବର୍ଗ ବିଜ୍ଞାନ୍ ରତ୍ନ, ବିଜ୍ଞାନ୍‌ଶ୍ରୀ, ବିଜ୍ଞାନ୍‌ଯୁବା, ଶାନ୍ତିସ୍ୱରୂପ୍ ଭଟ୍ଟନାଗର୍ ଆଉ ବିଜ୍ଞାନ୍ ଟିମ୍ ପୁରସ୍କାର୍ ଦିଆଯାଏସି । ଇ ବଛର୍ ୮ ଝନ୍ ବୈଜ୍ଞାନିକଙ୍କୁ ବିଜ୍ଞାନ୍‌ଶ୍ରୀ, ୧୪ ଝନ୍ ଯୁବ ବୈଜ୍ଞାନିକଙ୍କୁ ବିଜ୍ଞାନ୍ ଯୁବା ପୁରସ୍କାର୍ ଦିଆଯିବା । ସେନ୍ତା କୃଷି ବିଜ୍ଞାନ୍ କ୍ଷେତ୍ରଥି ପ୍ରଶଂସନୀୟ ଅବଦାନ୍ ଲାଗି ସିଏସ୍‌ଆଇଆର୍ ର ଟିମ୍ ଅରୋମା ମିସନ୍‌କେ ବିଜ୍ଞାନ୍ ଟିମ୍ ପୁରସ୍କାର୍ ଦେବାର୍‌କେ ଘୋଷ୍‌ନା କରାଯାଇଛେ ।

ସାଇବର୍ ସଚେତନ୍‌ତା ସମ୍ବଲପୁର ସମ୍ବାଦଦାତା

ସାଇବର୍ ଅପରାଧ୍ ରୁକ୍‌ବାର୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ପୁଲିସ୍ ତର୍‌ଫୁ ସାଇବର୍ ସୁରକ୍ଷା ଅଭିଯାନ୍ ମୁଲ୍ ହେଇଛେ । ଇ ଅବ୍‌ସରେ ସହରର୍ ଭିନ୍ ଭିନ୍ ଜାଗା ନ ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ସାଇବର୍ ଥାନା ତର୍‌ଫୁ ବିଦ୍ୟାଲୟ, ମହାବିଦ୍ୟାଲୟ ଆଉ ଭିନ୍ ଭିନ୍ ଅନୁଷ୍ଠାନ୍‌ମାନ୍‌କେ ସଚେତନ୍ କରାଯାଉଛେ । ଭ୍ରାମ୍ୟମାଣ ଗାଡ଼ି ବୁଲିକରି ଆଉ ରାସ୍ତା ଘାଟେ ପୁଲିସ୍ ତର୍‌ଫୁ ଲିଫ୍‌ଲେଟ୍ ବାଂଟିକରି  ଭିଲ୍ ସଚେତନ୍ କରାଯାଉଛେ । ଇ ମାସର୍ ୧୭ ତାରିଖ୍‌ନୁ ମୁଲ୍ ହେଇଥିବା ସଚେତନତା ଅଭିଯାନ୍ ଆଏବା ମାସର୍ ୧୭ ତାରିଖ୍‌ତକ୍ ଚାଲ୍‌ବା ବଲି ପୁଲିସ୍ ତର୍‌ଫୁ କୁହାଯାଇଛେ ।

ଆଂଚଲିକ୍ ବିଜ୍ଞାନ୍ ନାଟକ ପ୍ରତିଯୋଗିତା        ବୌଦ୍ଧ ସମ୍ବାଦଦାତା

ରାଜ୍ୟ ଶିକ୍ଷା ଗବେଷଣା ଆଉ ପ୍ରଶିକ୍ଷଣ ପରିଷଦ୍ ଆଉ ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଆଂଚଲିକ୍ ବିଜ୍ଞାନ୍ ନାଟକ ପ୍ରତିଯୋଗିତା ବୌଦ୍ଧ ଟାଉନ୍ ହଲ୍ ଠାନେ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନିଜର୍ ଲାଗି, ପରିବେଶ୍ ଲାଗି ଆଉ ଦେଶ୍ ଲାଗି ବିଜ୍ଞାନ୍‌ର ଆବଶ୍ୟକତା ବାବ୍‌ଦେ ବୁଝେଇଥିଲେ ।

ଜିଲ୍ଲାସ୍ତରକୁ ୧ ନମ୍ବର୍ ହେଇଥିବା ଦଲ୍‌ମାନେ ନାଟକ୍ ପ୍ରତିଯୋଗିତାଥି ଭାଗ୍ ନେଇଛନ୍ ।